ଶନିବାର, ୫ ଜୁଲାଇ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଜଣେ ବ୍ୟକ୍ତି ଚା' ପିଇବାକୁ ଦୋକାନକୁ ଗଲେ। ସେଠାରେ ଦୋକାନୀକୁ ଚା' ମାଗିଲେ।
ଦୋକାନୀ: ଭାଇ ଚା' ନିଅନ୍ତୁ।
ବ୍ୟକ୍ତି: ଚା' ତ ଜମା ମିଠା ଲାଗୁନି ?
ଦୋକାନୀ: ଭାଇ, ଚିନି ସରିଯାଇଥିଲା। ମୁଁ ଗ୍ରୋସେରି ଦୋକାନରେ କହିକି ଆସିଛି ଚିନି ପଠେଇ ଦେବ ବୋଲି।
ବ୍ୟକ୍ତି: (ଚା' ପିଇସାରି ବ୍ୟକ୍ତିଜଣକ ଦୋକାନୀକୁ ପଚାରିଲେ )କେତେ ଟଙ୍କା ?
ଦୋକାନୀ: ୧୦ ଟଙ୍କା।
ବ୍ୟକ୍ତି: ନିଅ ତୁମ ୧୦ ଟଙ୍କା।
ଦୋକାନୀ: ଭାଇନା, ଏଇଟା ତ ଚିରା ନୋଟ୍ ଚଳିବନାହିଁ।
ବ୍ୟକ୍ତି: ଭାଇ ବ୍ୟସ୍ତହୁଅନା ଅସଲି ୧୦ଟଙ୍କା ବାଟରେ ଅଛି,ଆସିବାକୁ ଟିକେ ସମୟ ଲାଗିବ।

ଶିକ୍ଷକ: ଚମ୍ପୁ, ତୁମେ ପାଠପଢ଼ାରେ ଟିକେ ଦୁର୍ବଳ,ମୁଁ ତୁମ ବୟସରେ ମ୍ୟାଥର ସବୁ ପ୍ରୋବ୍ଲମ୍ ସହଜରେ ସମାଧାନ କରି ଦେଉଥିଲି।
ଚମ୍ପୁ: ଆପଣଙ୍କ ଭଲ ଶିକ୍ଷକ ମିଳିଯାଇଥିବେ, ସମସ୍ତଙ୍କ ଭାଗ୍ୟ ଏତେ ଭଲ ହୋଇ ନ ଥାଏ ସାର୍।

# ବାହୁଡ଼ାଯାତ୍ରାକୁ ଗଲେ ରାଜା

ଗପ



କଞ୍ଚନା ନଗରୀର ରାଜା କଞ୍ଚାସୁର। ସେ ଭାରି ଦୁର୍ଦ୍ଦାନ୍ତ ଥିଲେ। ତାଙ୍କ ରାଜ୍ୟରେ ସାଧାରଣ ଲୋକ ଭୟଭୀତ ଅବସ୍ଥାରେ ରହିଥାନ୍ତି। ଛୋଟିଆ ଭୁଲ୍ ପାଇଁ ସେ ଲୋକଙ୍କୁ ଦଣ୍ଡ ଦେଉଥିଲେ। ନିଜକୁ ସୁଧାରିବା ପାଇଁ ବି ସୁଯୋଗ ଦେଉ ନ ଥିଲେ। ନିଜର ପରିଆରା ଜାହିରକରି ରାଜା କଞ୍ଚାସୁର ଗର୍ବୀ, ଅହଂକାରୀ ଓ ଅତ୍ୟାଚାରୀ ହୋଇ ଯାଇଥିଲେ। ତାଙ୍କର ଉତ୍ପାତରେ ରାଜ୍ୟବାସୀ ଅତିଷ୍ଠ ହୋଇ ରହିଥିଲେ।

ଥରେ ଜଣେ ଭକ୍ତ ସେହି ରାଜ୍ୟ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଦେଖିବାକୁ ପୁରୁଷୋତ୍ତମ କ୍ଷେତ୍ରକୁ ଯାଉଥାନ୍ତି। ବାଟରେ ଜଙ୍ଗଲ ପଡ଼ିଲା। ସେହି ଜଙ୍ଗଲରେ ବଡ଼ିପଡି ଥକ୍କା ମେଣ୍ଟାଉଥାନ୍ତି। ତାଙ୍କୁ କେତେବେଳେ ନିଦ ଲାଗିଯାଇଛି ସେ ଜାଣିପାରିନାହାନ୍ତି। କିଛି ସମୟ ପରେ ତାଙ୍କ ନିଦ ଭାଙ୍ଗିଗଲା। ତା'ପରେ ଉଠିପଡ଼ି ସେ ଆଗକୁ ଚାଲିଲେ। କିଛିବାଟ ଯିବା ପରେ ସେ ଦେଖିଲେ କେତେଜଣ ରାଜ କର୍ମଚାରୀ ନିରୀହ ଲୋକମାନଙ୍କୁ ହଇରାଣ ହରକତ କରୁଛନ୍ତି। ସେ ସହିପାରିଲେ ନାହିଁ। ତୁରନ୍ତ ରାଜାଙ୍କ ନିକଟକୁ ଗଲେ ଓ କହିଲେ, ରାଜନ୍! ରାଜ୍ୟରେ ରାଜ୍ୟବାସୀଙ୍କୁ ଆପଣଙ୍କ ରାଜ କର୍ମଚାରୀମାନେ ହଇରାଣ ହରକତ କରୁଛନ୍ତି। ଏହାକୁ ବନ୍ଦ କରିବାକୁ ଅନୁରୋଧ କରୁଛି। ରାଜା ପଚାରିଲେ, ତୁମେ କିଏ ? ଭକ୍ତ ଜଣକ କହିଲେ, ମୁଁ ଆପଣଙ୍କ ପଡ଼ୋଶୀ ରାଜ୍ୟର ଜଣେ ସାଧାରଣ ବ୍ୟକ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରାକୁ ଯାଉଛି। ରାଜା କହିଲେ, ତୁମେ ଆଉ ବାହୁଡ଼ାଯାତ୍ରାକୁ ଯାଇପାରିବ ନାହିଁ। ଆଦେଶ ଦେଇ ସେହି ଭକ୍ତଙ୍କୁ ବନ୍ଦୀକରି କାରାଗାରକୁ ପଠାଇଦେଲେ। କାରାଗାରରେ ବସି ବନ୍ଦୀ ଭକ୍ତ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁ ଏ ରାଜାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଭକ୍ତବତ୍ସଳ ଭଗବାନ ଶ୍ରୀଜଗନ୍ନାଥ। ସେ ତାଙ୍କ ଭକ୍ତର ଡାକ ନ ଶୁଣିବେ କେମିତି ? ହଠାତ୍ ଜଣେ ବ୍ୟକ୍ତି ଆସି ରାଜାଙ୍କ ନିକଟରେ ପହଞ୍ଚି କହିଲେ, ତୁମେ ଯେଉଁ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷରେ ବନ୍ଦୀକରି ରଖିଛ ତାଙ୍କୁ ଛାଡ଼ିଦିଅ। ରାଜା ରାଗିଯାଇ ସେହି ବ୍ୟକ୍ତିଙ୍କ ଉପରକୁ ହାତ ଉଠାଇ ମାରିବାକୁ ଝପଟି ଆସିଲେ। ଠିକ୍ ଏହି ସମୟରେ ସେହି ବ୍ୟକ୍ତି ଜଣକ ଏକ ଉଜ୍ଜ୍ୱଳ ଆଲୋକ ସହ ଉଭାନ ହୋଇଗଲେ।

ଆଉ ରାଜାଙ୍କ ହାତରେ ଅନେକ ଫୋଟକା ବାହାରି ପଡ଼ିଲା। ସଙ୍ଗେ ସଙ୍ଗେ ସେହି ଫୋଟକାଗୁଡ଼ିକ ଶରୀର ଆଡ଼କୁ ମାଡ଼ିଆସିଲା। ରାଜାଙ୍କୁ ଭାରି କଷ୍ଟଦେଲା। ଯନ୍ତ୍ରଣାରେ ସେ ଛଟପଟ ହେବାକୁ ଲାଗିଲେ। ତାଙ୍କୁ କଷ୍ଟରୁ ମୁକ୍ତି ଦେବା ପାଇଁ ରାଜବୈଦ୍ୟଙ୍କୁ ଡକାଗଲା। ରାଜବୈଦ୍ୟ ରାଜାଙ୍କୁ କହିଲେ, ମୁଁ ଏହାକୁ ଭଲ କରିପାରିବି ନାହିଁ। ଏହି ଫୋଟକାକୁ ଭଲ କରିବାକୁ କିଛି ଔଷଧ ନାହିଁ। ସମସ୍ତ ବିଷୟ ଶୁଣି ସାରି ରାଜବୈଦ୍ୟ ଗଲେ ବନ୍ଦୀ ହୋଇରହିଥିବା ଭକ୍ତଙ୍କ ପାଖକୁ। ରାଜବୈଦ୍ୟ ସବୁ କହିଲେ ଭକ୍ତ ଜଣଙ୍କୁ। ଶେଷରେ ଭକ୍ତ କହିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରନ୍ତୁ। ରାଜବୈଦ୍ୟଙ୍କ କଥାମାନି ରାଜା ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ। ଭକ୍ତିଭାବରେ ପ୍ରାର୍ଥନା ପରେ ମହାପ୍ରଭୁଙ୍କ କୃପାରୁ ସେ ଧୀରେ ଧୀରେ ସୁସ୍ଥ ହେବାକୁ ଲାଗିଲେ। ଏହି ଘଟଣା ପରେ ତାଙ୍କ ମନୋଭାବ ବି ପରିବର୍ତ୍ତନ ହୋଇଯାଇଥିଲା। ବନ୍ଦୀଘରୁ ସେହି ଭକ୍ତଜଣଙ୍କୁ ମୁକୁଳାଇ ଥିଲେ। ଭକ୍ତଙ୍କ ସହ ମିଶି ରାଜା ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଦେଖିବାକୁ ଗଲେ। କିଛିଦିନ ପରେ ସେ ଜଣେ ପ୍ରଜାବତ୍ସଳ ରାଜାଭାବରେ ଖ୍ୟାତି ଅର୍ଜନ କରିବା ସହିତ ମହାପ୍ରଭୁଙ୍କ ଭକ୍ତ ପାଲଟିଗଲେ।

**-ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ, ମୋ: ୯୪୩୮୪୩୨୦୨୩

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସମସ୍ତେ ଶାକାହାରୀ





ଏମିତି ଏକ ସହର ଅଛି ଯେଉଁଠି ଆମିଷ ଖାଇବା ସମ୍ପୂର୍ଣ୍ଣ ମନା। ଏମିତିକି ଏଠାରେ ମୁସଲମାନ ସମ୍ପ୍ରଦାୟର ଲୋକେ ବି ଶାକାହାରୀ। ଏହି ସହରଟି ହେଉଛି ଗୁଜରାଟର ପାଲିତାନା। ଏଠାରେ ଆମିଷ ଖାଦ୍ୟ ଖିଆଯାଏନି କିମ୍ବା ବିକ୍ରି ମଧ୍ୟ ହୁଏନି। ଆମିଷ ବିକ୍ରି ନେଇ ସରକାର କଟକଣା ଲଗାଇଛନ୍ତି ଓ ଏହାକୁ ଶାକାହାରୀ ସହର ଘୋଷଣା କରିଛନ୍ତି। ତେବେ ଧାର୍ମିକ କାରଣରୁ ହିଁ ଏଠାରେ ମାଛ, ମାଂସ ବିକ୍ରି କରିବା ନେଇ କଟକଣା ରହିଛି। ସହରରେ ଜୈନ ସମ୍ପ୍ରଦାୟର ଲୋକେ ହିଁ ଅଧିକ ବାସ କରନ୍ତି। ସେଥିପାଇଁ ଏଠାରେ ଏଭଳି ଏକ ନିୟମ ଲାଗୁ କରାଯାଇଛି। ଏହିଠାରେ ୯୦୦ରୁ ଅଧିକ ଜୈନ ମନ୍ଦିର ରହିଛି। ଏଥିପାଇଁ ଏହାକୁ ଜୈନ ଟେମ୍ପଲ ଟାଉନ୍ ବି କୁହାଯାଏ। ଏଠାରେ ସମ୍ପୂର୍ଣ୍ଣ ରୂପେ ଅହିଂସା ଧର୍ମ ପାଳନ କରାଯାଏ। ଜୈନ ଧର୍ମର ଲୋକେ କୌଣସି ଜୀବ ପ୍ରତି ହିଂସା ଆଚରଣ କରନ୍ତି ନାହିଁ। ଏଥିପାଇଁ ୨୦୧୪ରେ ଗୁଜରାଟ ସରକାର ଏହି ସହରକୁ ଭେଜିଟାରିଆନ ସିଟି ବା ଆମିଷ ମୁକ୍ତ ସହରଭାବେ ଘୋଷଣା କରିଥିଲେ। ସହରର ଜନସଂଖ୍ୟା ପ୍ରାୟ ୬୫୦୦୦। ଏମାନଙ୍କ ମଧ୍ୟରେ ୬୦ ପ୍ରତିଶତ ଜୈନ, ୩୫ ପ୍ରତିଶତ ହିନ୍ଦୁ ଓ ୫ ପ୍ରତିଶତ ମୁସଲମାନ ରହନ୍ତି। ତେବେ ଏଠାରେ ରହୁଥିବା ମୁସଲମାନ ସମ୍ପ୍ରଦାୟ ବି ଆମିଷ ଖାଇପାରନ୍ତି ନାହିଁ। ମନ୍ଦିର ପ୍ରଶାସନ, ହୋଟେଲ ଓ ଧର୍ମଶାଳା ଆଦି ମାଧ୍ୟମରେ ପର୍ଯ୍ୟଟନ କାରଣରୁ ହିଁ ଏଠାରେ ଆର୍ଥିକ ବ୍ୟବସ୍ଥା ଭଲ ରହିଥାଏ।

## ତାଡାତାଡ

✪ ଏକାଗ୍ରତାର ସୂତ୍ର ପାଠଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇଛି। ଏଥିରୁ ଜାଣିବାକୁ ମିଳିଲା ଯେ ପିଲାମାନେ ମନରେ ଯଦି ମନ୍ତ୍ର ଉଚ୍ଚାରଣ କରିବେ ତେବେ ଏହା ପ୍ରଭାବ ତାଙ୍କ ଉପରେ ନିହାତି ଦେଖାଯିବ।

**-ରୁଦ୍ରନାରାୟଣ ସେନାପତି, କେନ୍ଦୁଝର**

✪ ଦାମୀ ଜେଲ ଏବଂ ବଡ଼ ଶରୀର ଛୋଟ ଆହାରରୁ ଜାଣିହେଲା ଯେ ତିମିର ଶରୀର ଏତେ ବଡ଼ ହେଲେ ସୁଦ୍ଧା ସେ କିପରି ଛୋଟ ଜୀବକୁ ତା'ର ଶିକାର କରେ ସେ ବିଷୟରେ ଜାଣିବାକୁ ପାଇଲି।

**-ଶୁଭମ୍ ରାଉତ, କୋରାପୁଟ**

## ରଙ୍ଗ ଦିଅ





ସ୍କୁଲରୁ ଫେରିବା ବେଳକୁ କିଛି ପରିମାଣରେ ଥକାପଣର ଅନୁଭବ କରିଥାନ୍ତି ପିଲାମାନେ। ଏହି କାରଣରୁ ଅନେକ ସମୟରେ ଚିଡ଼ିଚିଡ଼ା ବି ଲାଗିଥାଏ। ତେଣୁ ନିଜକୁ ରିଲାକ୍ସ କରିବା ପାଇଁ କ'ଣ କରିବେ ଜାଣନ୍ତୁ।

# ସ୍କୁଲରୁ ଫେରିବା ପରେ...

ଏତେ ବାଟ ସ୍କୁଲକୁ ଯିବା ଆସିବା ଓ ପାଠ ପଢିବା ଆଦି ବିଭିନ୍ନ ପ୍ରକାରର ଆକ୍ଟିଭିଟି କରିବାକୁ ହୋଇଥାଏ ପିଲାଙ୍କୁ। ସେଥିପାଇଁ ତ ଘରକୁ ଫେରିବା ବେଳକୁ ସେମାନେ ଥକିପଡ଼ନ୍ତି। ଆଉ ସେହି ସମୟରେ ଘର ଲୋକଙ୍କଠାରୁ କିଛି ଆକଟ କରିବା ଭଳି କଥା ଶୁଣିଲେ ବିରକ୍ତ ଲାଗିଥାଏ। ସ୍କୁଲରେ ଦିନଯାକର ବିଭିନ୍ନ ଘଟଣା ସମ୍ପର୍କରେ ଗପିବାକୁ ଇଚ୍ଛା ହୁଏ। ଏହି ସମୟରେ ମୁଡ୍ ଫ୍ରେଶ୍ କରିବା ପାଇଁ କିଛି ସମୟ ଲାଗେ। ପିଲାଙ୍କ ମନ ବୁଝି ପ୍ରାୟତଃ ଘର ଲୋକେ ହିଁ ସେମାନଙ୍କୁ ରିଲାକ୍ସ କରିବା ନିମନ୍ତେ ବିଭିନ୍ନ ପ୍ରକାରରେ ସୁଯୋଗ ଦିଅନ୍ତି। ହେଲେ ଆଜିକାଲି ଅନେକ ଅଭିଭାବକ କର୍ମଜୀବୀ ହୋଇଥିବାରୁ ସ୍କୁଲରୁ ଫେରିବା ବେଳକୁ ପିଲାମାନଙ୍କୁ ଏକୁଟିଆ ରହିବାକୁ ପଡୁଛି। ଏଭଳି ସ୍ଥିତିରେ କ'ଣ କରି ନିଜକୁ ରିଲାକ୍ସ କରିପାରିବେ ସେନେଇ କିଛି କଥା ଉପରେ ଧ୍ୟାନ ଦିଅନ୍ତୁ।

## କିଛି ସମୟ

ସ୍କୁଲରୁ ଫେରିବା ପରେ ପ୍ରଥମେ ୟୁନିଫର୍ମ ବଦଳାଇ ଗୋଡ଼ହାତ ଧୋଇ ବସନ୍ତୁ। ଏହାପରେ ସ୍କୁଲରେ ଦିନସାରାର ଘଟଣା ସମ୍ପର୍କରେ ଘର ଲୋକଙ୍କ ଆଗରେ କୁହନ୍ତୁ। ଯଦି ଘରେ କେହି ନ ଥାନ୍ତି ତେବେ ସେମାନଙ୍କୁ ଫୋନ କରି ଘରକୁ ଫେରିବା ଖବର ଦିଅନ୍ତୁ। ଯଦି ସଙ୍ଗେ ସଙ୍ଗେ କାହା ସହିତ କଥାବାର୍ତ୍ତା ହେବାକୁ ଇଚ୍ଛା ହେଉ ନ ଥାଏ ତେବେ ଚୁପ୍ ହୋଇ କିଛି ସମୟ ବସନ୍ତୁ। କିଛି ସମୟ ପରେ ମନ ହାଲୁକା ଲାଗିବ ଓ ଅନ୍ୟ କିଛି କରିବାକୁ ଇଚ୍ଛା ହେବ।



## ବଡି ମୁଭମେଣ୍ଟ

ଯଦି ଆକ୍ଟିଭ ଲାଗୁଥାଏ ତା'ହେଲେ କିଛି ସମୟ ପାଇଁ ଘରେ ସମସ୍ତଙ୍କ ସହିତ କଥା ହୁଅନ୍ତୁ। ପଡିଶା ଘରେ କେହି ସାଙ୍ଗ ଥିଲେ ସେମାନଙ୍କୁ ଟିକେ ଦେଖା କରି କଥାବାର୍ତ୍ତା ହୁଅନ୍ତୁ। ଆଉ ଯଦି ଖେଳିବା ସମୟ ହୋଇଥାଏ ତେବେ ଘରଲୋକଙ୍କ ଅନୁମତି ନେଇ କିଛି ସମୟ ପାଇଁ ଆଉଟଡୋର୍ ଗେମ୍ ଖେଳିବାକୁ ଯାଆନ୍ତୁ। ଏହି ମାଧ୍ୟମରେ ବାହାରକୁ ଯାଇ ପିଲାଙ୍କ ସହ ମିଶିବା ଫଳରେ ମନ ବହୁତ ହାଲୁକା ଲାଗିବ।

## କ୍ରିଏଟିଭ୍ ଟାଇମ୍

ଯଦି ନିଜ ଇଚ୍ଛାରେ କିଛି ଅଲଗା କାମ କରିବାକୁ ଚାହାନ୍ତି ତା'ହେଲେ ସ୍କୁଲରୁ ଫେରିବା ପରେ ସେଥିପାଇଁ ସମୟ ଦିଅନ୍ତୁ। ଅର୍ଥାତ୍ କେତେକଙ୍କୁ ଗୀତ ଶିଖିବା, ନାଚ ଶିଖିବା କିମ୍ବା ଅନ୍ୟ କିଛି ବିଶେଷ ଧରଣର ଗେମ୍ ଶିଖିବାର ବି ଇଚ୍ଛା ଥାଏ। ତେଣୁ ସେଥିପାଇଁ ସମୟ ଦିଅନ୍ତୁ। ଏହି ମାଧ୍ୟମରେ ମନ ଖୁସି ହୋଇଯିବ। ସ୍କୁଲରୁ ଫେରିଲେ ସଙ୍ଗେ ସଙ୍ଗେ କିଛି ସମୟ ପାଇଁ ନିଜ ଫେଭରେଟ୍ ମ୍ୟୁଜିକ୍ ଶୁଣିଲେ ବି ବହୁତ ଭଲଲାଗିବ। ଟିଭିରେ କିଛି କାର୍ଯ୍ୟକ୍ରମ ମଧ୍ୟ ଦେଖିପାରିବେ। ଏସବୁ ମାଧ୍ୟମରେ ହିଁ ମୁଡ୍ ଫ୍ରେଶ୍ କରାଯାଇପାରିବ।

## ଅଳ୍ପ କିଛି ସ୍ନାକ୍ସ

ମନ ପସନ୍ଦର ହାଲୁକା ସ୍ନାକ୍ସ ଖାଆନ୍ତୁ। ସ୍କୁଲରୁ ଫେରିବା ପରେ ହୁଏତ ସଙ୍ଗେ ସଙ୍ଗେ ଘରେ ମିଲ୍ ଖାଇବାର ସମୟ ହୋଇ ନ ଥାଇପାରେ। ତେଣୁ ଏହି ସମୟରେ ଅଳ୍ପ କିଛି ସ୍ନାକ୍ସ ଖାଆନ୍ତୁ, ବହୁତ ଭଲ ଲାଗିବ। ଉଷୁମ କ୍ଷୀର, ପଇଡ ପାଣି ପିଅନ୍ତୁ କିମ୍ବା ସାଲାଡ ଆଦି ଘରେ ଥିବା ବିଭିନ୍ନ ପ୍ରକାରର ହେଲ୍‌ଦି ସ୍ନାକ୍ସ ଖାଇପାରିବେ। ଘରେ ରୋଷେଇ ହୋଇଥିବା କିଛି ଖାଦ୍ୟ ପ୍ରତି ଆକର୍ଷଣ ଥିଲେ ସେସବୁ ମଧ୍ୟ ଅଳ୍ପ ଆଗୁଆ ଖାଆନ୍ତୁ।

## ରିଲାକ୍ସ କରନ୍ତୁ

ସ୍କୁଲରୁ ଫେରିବା ପରେ ସଙ୍ଗେ ସଙ୍ଗେ ଯଦି ଇଚ୍ଛା ହେଉ ନ ଥାଏ ତେବେ ହୋମୱାର୍କ କିମ୍ବା ପାଠ ପଢିବା ନେଇ କାହା ସହିତ କିଛି ଆଲୋଚନା କରନ୍ତୁ ନାହିଁ। ଯଦି ନିଜ ଖୁସିରେ ଏସବୁ ବିଷୟରେ କଥାବାର୍ତ୍ତା ହେବାକୁ ଇଚ୍ଛା ହେଉଛି ତା'ହେଲେ ଚଳିବ। କିନ୍ତୁ ଇଚ୍ଛା ନ ଥିଲେ ବାଧ୍ୟରେ ଏସବୁ କରନ୍ତୁ ନାହିଁ। କିଛି ସମୟ ରିଲାକ୍ସ ହେବା ପରେ ହିଁ ପାଠ ପଢିବା ଆରମ୍ଭ କରନ୍ତୁ। ଫ୍ରେଶ୍ ଲାଗିଲେ ପାଠ ପଢିବା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଘରେ କେହି ଏସବୁ ନେଇ ପ୍ରଶ୍ନ କଲେ ସେମାନଙ୍କଠାରୁ କିଛି ସମୟ ମାଗନ୍ତୁ। ଟିକିଏ ପରେ ଏ ସମ୍ପର୍କରେ ଭଲଭାବେ କହିବେ କହି ବିରକ୍ତିଭାବନାଠାରୁ ଦୂରେଇ ରୁହନ୍ତୁ।

## ଏମାନେ କଣ କରନ୍ତି

### ମାମା ସହିତ କଥା ହୁଏ



ଘରକୁ ଫେରିଲେ ଆଗ ସ୍କୁଲ ଡ୍ରେସ ବଦଳି ଗୋଡହାତ ଧୋଇ ହୁଏ। ତା'ପରେ ଘରେ ମା' କ'ଣ ରାନ୍ଧିଛନ୍ତି ଦେଖେ। ଯଦି ମନପସନ୍ଦର କିଛି ରୋଷେଇ ହୋଇଥାଏ ତା'ହେଲେ ସେଥିରୁ କିଛି ଆଣି ଖାଏ। ତା'ପରେ ମାମା ସହିତ ତା' ପାଖେ ପାଖେ ରହି କିଛି ସମୟ ସ୍କୁଲ ବିଷୟରେ ଓ ଅନ୍ୟ ବିଷୟରେ କଥା ହୁଏ। ଏସବୁ ବ୍ୟତୀତ ବେଳେବେଳେ ଟିକେ ଫୋନ୍ ଚେକ୍ କରେ, ନଚେତ୍ ପଡିଶା ଘରର ସାଙ୍ଗ ପାଖକୁ ଯାଏ। ତା' ସହିତ କିଛି ସମୟ କଥାବାର୍ତ୍ତା ହୋଇ ଘରକୁ ଆସେ। କହିବାକୁ ଗଲେ ସ୍କୁଲରୁ ଫେରିବା ପରେ ଘର ଭିତରେ ଟିକେ ବୁଲାବୁଲି କରିବାକୁ ଭଲ ଲାଗେ।

**– ଆଦ୍ୟାଶା ଅଭିଲିପ୍ସା**
କ୍ଲାସ– ୮, ସରସ୍ୱତୀ ଶିକ୍ଷା ମନ୍ଦିର, ନହରକଣ୍ଟା, ଭୁବନେଶ୍ୱର

### ସାଙ୍ଗେ ସାଙ୍ଗେ ପଢ଼େନି



ସ୍କୁଲରୁ ଆସିଲେ ଘରେ ବ୍ୟାଗ ରଖି ଦେଇ ଟିକେ ବାହାରେ ବୁଲିଆସେ। କିଛି ସମୟ ପରେ ଘରେ ମାମା ଯାହା କହେ ସେୟା କରେ, ହେଲେ ସାଙ୍ଗେ ସାଙ୍ଗେ ପାଠ ପଢେନି। ଖିଆପିଆ କରେ, ଏଘର ସେଘର ବୁଲାବୁଲି କରେ। ତା'ପରେ ଖେଳିବାକୁ ଯାଏ। ସାଙ୍ଗେ ସାଙ୍ଗେ ପାଠ ପଢିବାକୁ ଇଚ୍ଛା ହୁଏନି। ଯଦି ଅଧିକ ହୋମୱର୍କ ଦିଆଯାଇଥାଏ ତା'ହେଲେ ବେଳେବେଳେ ଆଗୁଆ ସାରି ଦିଏ। ତା'ପରେ ସମୟ ଥିଲେ ଖେଳିବାକୁ ଯାଏ। ସବୁଦିନ ସମାନ କାମ କରେନି, ଯାହା ସୁବିଧା ହୁଏ ସେସବୁ କାମ କରେ।

**– ସାଇ ଶୁଭମ୍ ପୁରୀ,** କ୍ଲାସ– ୫, ଡ୍ରିମ୍ ଇଣ୍ଡିଆ ସ୍କୁଲ, ନେତାଜୀ ନଗର, ମଧୁପାଟଣା, କଟକ



୧
**ଦିବ୍ୟାଂଶ ଶତପଥୀ**
କ୍ଲାସ୍- ୩,
ଡିଏଭି ପବ୍ଲିକ
ସ୍କୁଲ, ଇଫ୍କୋ,
ପାରାଦୀପ




୨
**ଦ୍ରିସ୍ମା ସାହୁ**
କ୍ଲାସ୍-୫,
ଆପିଜୀ ସ୍କୁଲ,
ଭୁବନେଶ୍ୱର



୩
**ପ୍ରିୟାଂଶୀ ପତି**
କ୍ଲାସ୍-୮,
ଆପିଜୀ ସ୍କୁଲ,
ଭୁବନେଶ୍ୱର



୪
**ଅଂଶୁମାନ ସାହୁ**
କ୍ଲାସ୍- ୮, ଓଡ଼ିଶା
ଆଦର୍ଶ ବିଦ୍ୟାଳୟ,
ଅଙ୍କରାନ୍ତିପୁର,
ଓଡାପଡା, ଢେଙ୍କାନାଳ



୫
**ସାଇ ଅନ୍ୱେଷ**
କ୍ଲାସ୍- ୬, ଅମ୍ରିତା
ବିଦ୍ୟାଳୟମ୍,
ଯାଆଁଳା,
ଖୋର୍ଦ୍ଧା



୬
**ରବିନ୍ଦ୍ର ହାଁସଦା**
କ୍ଲାସ୍- ୮,
ରାଇକମା ଆଶ୍ରମ
ବିଦ୍ୟାଳୟ,
ମୟୂରଭଞ୍ଜ



୭
**ଦିବ୍ୟାଂଶୀ ମିଶ୍ର**
କ୍ଲାସ୍- ୩,
ରାମଜାସ୍
ଇଣ୍ଟରନ୍ୟାଶନାଲ
ସ୍କୁଲ, ନୂଆଦିଲ୍ଲୀ



୮
**ଶ୍ରୀନିଧି ଦେଓ**
କ୍ଲାସ୍- ୩,
ବିଜେଇଏମ୍-୧
ସ୍କୁଲ, ଭୁବେନଶ୍ୱର



୯
**ସାନ୍ଭି ଶନାୟା ସା**
କ୍ଲାସ୍- ୪,
ବିଜେଇଏମ୍-୧
ସ୍କୁଲ, ଗ୍ୟାରେଜ
ଛକ, ଭୁବନେଶ୍ୱର




୧୦
**ଦେବଶ୍ରୀ ସାହୁ**
କ୍ଲାସ୍-୭, ପିଏମ୍
ଶ୍ରୀ କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୪,
ଭୁବନେଶ୍ୱର



୧୧
**ଘନିଶ କୁମାର ବେହେରା**
କ୍ଲାସ୍- ୧, ପବ୍ଲିକ
ସ୍କୁଲ, ଛତ୍ରପୁର,
ଗଞ୍ଜାମ



୧



୨



୩



୪



୫



୬



୭



୮



୯



୧୦



୧୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଭିନ୍ନ ଶୈଳୀରେ ତରଭୁଜ ଭଙ୍ଗା

ତରଭୁଜକୁ ଛୋଟ ଛୋଟ ଖଣ୍ଡରେ କାଟି ସମସ୍ତେ ଖାଇଥାନ୍ତି। ସେଥିପାଇଁ ଛୁରିର ସାହାଯ୍ୟ ନିଆଯାଏ। ହେଲେ ଦୁଇ ଜଙ୍ଘ ମଝିରେ ତରଭୁଜକୁ ରଖି ଭାଙ୍ଗିବା କଥା କେବେ ଚିନ୍ତା କରିଛନ୍ତି! ଏଭଳି ଅଜବ ଚିନ୍ତା ବିଷୟରେ ହୁଏତ କେହି ଭାବି ନ ଥିବେ। କିନ୍ତୁ ତୁର୍କୀର ଜଣେ ମହିଳା ଗୋଜ୍‌ଡେ ଡୋଗାନ ଏଭଳି ଭିନ୍ନ ଢଙ୍ଗରେ ତରଭୁଜ ଭାଙ୍ଗି ଗିନିଜ୍ ରେକର୍ଡ କରି ପାରିଛନ୍ତି। ଡୋଗାନ୍ ତାଙ୍କ ଜଙ୍ଘରେ ୧ ମିନିଟ୍ ମଧ୍ୟରେ ୫ଟି ତରଭୁଜ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ଏତେ କମ୍ ସମୟ ମଧ୍ୟରେ ସେ ଏଭଳି ଭାବରେ ସର୍ବାଧିକ ତରଭୁଜ ଭାଙ୍ଗିପାରିଥିବା ମହିଳା ହୋଇପାରିଛନ୍ତି। ୨୦୨୪ ଫେବୃଆରୀରେ ଇଟାଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ସେ ଏହି ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି।



## ବାହୁଡ଼ା ରଥରେ କଳାଠାକୁର

ବାହୁଡ଼ା ବିଜୟ କରିବେ କାଳିଆ
ନବଦିନ ଯାତ୍ରା ସାରି,
ତିନି ରଥ ପୁଣି ସଜ ହୋଇଲାଣି
ବାଜେ ଘଣ୍ଟ, ଭେରୀ, ତୂରୀ।
ଆଡ଼ପମଣ୍ଡପ ଗୁମୁରି କାନ୍ଦୁଚି
ଝୁରୁଛି ଗୁଣ୍ଡିଚା ରାଣୀ,
ଆଗାମୀ ବର୍ଷକୁ ଅପେକ୍ଷା କରି ସେ
ପୁଅକୁ ଦିଏ ମେଲାଣି।
ଭକ୍ତଙ୍କ ଗହଳି, ଶଙ୍ଖ ହୁଳହୁଳି
ଦୁଲୁକୁଛି ବଡ଼ଦାଣ୍ଡ,
ଥାଳି ମାରିଦେଲେ ଥାଳି ଚାଲିଯିବ
ଗଣି ହୁଏନାହିଁ ମୁଣ୍ଡ।
ଶରଧାବାଲିରେ ଅତି ଶରଧାରେ
ଗଡ଼ିଯାଏ ତିନି ରଥ,
ପୋଡ଼ପିଠା ଖଣ୍ଡେ ଖୁଆଇବ ବୋଲି
ମାଉସୀ ଜଗିଛି ପଥ।
ହେ କଳାସାଆନ୍ତ ପ୍ରଭୁ ଜଗନ୍ନାଥ
ସଭିଙ୍କୁ ସହାୟ ହୁଅ,
ଓଡ଼ିଆ ଜାତିର ପ୍ରାଣର ଆଧାର
ଚକାଆଖି କଳାଦିଅଁ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## ଅନ୍ତର ଆତ୍ମାରେ ତୁମେ

ଅନ୍ତର ଆତ୍ମାରେ ତୁମେ ଜଗନ୍ନାଥ
ରହି ଚଳାଉଛ ଏ ଜୀବନ ରଥ,
ତୁମେ ପରଂବ୍ରହ୍ମ ଅନାଥର ନାଥ
ଅଜ୍ଞାନ ଅନ୍ଧକାରେ ଦେଖାଅ ପଥ।
ଶରୀର ଘଟକୁ କରିଛ ତିଆରି
ଦରକାର ଯାହା ଦେଇଅଛ ଭରି,
ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ଅବୟବ
ମନ ହୃଦୟ କରେ ତା' ଅନୁଭବ।
ଅନ୍ତର ଭିତରେ ରହି ଅଛ ତୁମେ
ଲାଳନ ପାଳନ କର ଶ୍ରଦ୍ଧା ପ୍ରେମେ,
ତୁମେ ହିଁ ତ ସତ୍ୟ ଏଇ ଧରାଧାମେ
ତୁମ ଲାଗି ପ୍ରାଣ ଚାଲେ ଅବିରାମେ।
ରହି ନମ୍ର ଶାନ୍ତ କଲେ ତୁମ ଧ୍ୟାନ
ପାଏ ଶାନ୍ତି ତୃପ୍ତି ହୁଅଇ ମହାନ,
ହେଲେ ହିଂସ୍ର କ୍ରୂର ହୁଏ ହୀନିମାନ
ଦୁଃଖ କଷ୍ଟ ପାଇ ବିତାଏ ଜୀବନ।
ତୁମେ ପ୍ରଭୁ ସ୍ୱୟଂ ଦୟାର ସାଗର
ଭକ୍ତ ଲାଗି ତୁମ ମହିମା ଅପାର,
ଅନ୍ତର ଆତ୍ମାରେ ଥାଅ ନିରନ୍ତର
ଆଶା ସପନକୁ କରାଅ ସାକାର।

**– କବିରତ୍ନ ନୂତନ କୁମାର ବେହେରା**
କୋହି, ବାରିପଦା, ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

## ଢାଳିଦେ ବରଷା ଜଳ

ବରଷି ଯାଆରେ ମାଟିଦେହେ ଜଳ
କଳାମେଘ ଭାସିଯା
ଖରାତାତି ଗୁଳୁଗୁଳି ଅଂଶୁଘାତର
ବଡେଇକୁ ନାଶିଯା।
ଶୁଖିଥିଲା ଗଛରେ କେତେ ଯେ ପତର
ଫୁଟୁ ନ ଥିଲା ଯେ ଫୁଲ
ଜଳର ପରଶ ପାଇ ବଢ଼ିଗଲା
ଫୁଲ ବଗିଚାର ମୂଳ।
ଫୁଲରେ ବସିବ ଛିଟ ପ୍ରଜାପତି
ରାତି ଆସୁଥିବ ପାହି
ଫୁଲର ବାସରେ ମହକି ଉଠିବ
ଗାଁ ଓ ସହର ସାହି।
ନଈରେ ପଡ଼ିଲେ ଆକାଶରୁ ଜଳ
ଫୁଲି ଉଠିବ ତା' ଛାତି
ସଜହେଇ ଅଛି ଚାଷୀପୁଅ ତା'ର
ଚାଷକାମେ ଯିବ ମାତି।
ଦୂରଆକାଶରୁ ଢାଳିଦେ ଜଳ
କାଳିଆ ବଉଦ ଭାସି
ଅଜଣା ରାଇଜୁ ସାଧବ ବୋହୂଟା
ହସ ଢାଳିଦେବ ଆସି।

**– ପ୍ରଶାନ୍ତ କୁମାର ଦାଶ**
ମୋ: ୯୬୬୮୮୨୨୧୯୦

## ଏଥରର

- ଫାରେନ୍‌ହାଇଟ୍ ଏକକରେ କେତେ ଡିଗ୍ରୀ ତାପମାତ୍ରାରେ ପାଣି ଫୁଟେ ?
- ଜାପାନର ମୁଦ୍ରାର ନାମ ?
- ବିଶ୍ୱର କେଉଁ ଦେଶ ସର୍ବାଧିକ କଦଳୀ ରପ୍ତାନି କରିଥାଏ ?
- ସୁଇଜରଲାଣ୍ଡର ୪ଟି ଜାତୀୟ ଭାଷାର ନାମ ?
- ମନୁଷ୍ୟ ଶରୀରରେ କେତୋଟି କିଡ୍‌ନୀ ରହିଛି ?

## ଗତଥରର ଉତ୍ତର

- ଆସାମ
- ବିହାର
- ଆନ୍ଧ୍ରପ୍ରଦେଶ
- ପାଲା ପେଣ୍ଟିଂ
- ଋଷଭନାଥ

## କହିଲ ଦେଖି

ଚିକ୍କଣ କାଳିଆ ରଙ୍ଗ ତାଙ୍କର
ଓଡ଼ିଆଙ୍କ ସିଏ ବଡ଼ ଠାକୁର
ଶଙ୍ଖ, ଚକ୍ର, ଗଦା, ପଦ୍ମକୁ ଧରି
ସାଧୁଙ୍କୁ ପାଳନ୍ତି ପାପୀଙ୍କୁ ମାରି
ଚକା ଚକା ଆଖି ପଲକ ନାହିଁ
କିଏ ସେ ଦେବତା ଦିଅ ବତାଇ ?



**(ଉତ୍ତର – ଜଗନ୍ନାଥ)**

ଧବଳ ମୁଖ ଯେ କି ମନୋହର
ନାଲି ନାଲି ପୁଣି ତାଙ୍କ ଅଧର
ହଳଧାରୀ ନାମେ ସେ ପରିଚିତ
ଶେଷ ନାଗ ବୋଲି ଜଗତେ ଖ୍ୟାତ
ବଡ଼ ଦେଉଳର ବଡ଼ ଠାକୁର
ଜାଣିଛ କି ପିଲେ ନାମ ତାଙ୍କର ?



**(ଉତ୍ତର – ବଳଭଦ୍ର)**

ହଳଦୀ ମୁଖୀ ସେ କନକ ଗୋରୀ
ଆଦ୍ୟାଶକ୍ତି ପୁଣି ଭୁବନେଶ୍ୱରୀ
ଦୁଇ ଭାଇଙ୍କର ଗେହ୍ଲା ଭଉଣୀ
ସତେ ଅବା ତାଙ୍କ ଆଖିର ମଣି
ଉତ୍ତରଟା ଯେବେ ଠିକ୍ କହିବ
ରସଗୋଲାଟିଏ ନିଶ୍ଚେ ଖାଇବ



**(ଉତ୍ତର – ସୁଭଦ୍ରା)**

**– ସୁମନ ଲେଙ୍କା**
ଅଲଣା, ବଛାଲୋ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୭୮୪୮୦୬୨୫୧୦



"ଗେଣ୍ଡାଳିଆର ଲମ୍ବ ପ୍ରାୟ ୬୮ରୁ ୮୧ ସେ.ମି., ଉଚ୍ଚତା ୬୮ ସେ.ମି. ଓ ଏହାର ଓଜନ ପ୍ରାୟ ୧.୩ କେ.ଜି.ରୁ ୮.୯ କେ.ଜି. ମଧ୍ୟରେ ରହିଥାଏ। ଡେଣାର ଲମ୍ବ ୧୪୭ ରୁ ୧୪୯ ସେ.ମି. । ଏହାର ବର୍ଣ୍ଣ ଧଳା ଓ ଧୂସର । ପୁଚ୍ଛ ଉଜ୍ଜ୍ୱଳ ବାଇଗଣୀ ବର୍ଣ୍ଣ । ପୁଚ୍ଛରେ ୧୨ ଗୋଟି ପର ଥାଏ। ଛୋଟ ଅବସ୍ଥାରେ ଗୋଡ଼ ଦୁଇଟିର ବର୍ଣ୍ଣ ଧୂସର ଥାଏ ଓ ବଡ଼ ହୋଇଗଲେ ତାହା ନାଲି ରଙ୍ଗ ହୋଇଯାଏ। ଗେଣ୍ଡାଳିଆର ଗୋଟିଏ ବିଶେଷତ୍ୱ ହେଲା ତା'ର ଦେହର ବର୍ଣ୍ଣ ପିଲାରୁ ଯୁବକ ଏବଂ ଯୁବକରୁ ବୁଢ଼ା ଅବସ୍ଥାକୁ ଆସିଲା ବେଳେ କ୍ରମାନ୍ୱୟରେ ବଦଳୁଥାଏ।"

# ବଗ ନୁହେଁ, ସେ ଗେଣ୍ଡାଳିଆ...

ଏକଦା ଇଚ୍ଛାପୁର ହାଇସ୍କୁଲର ୧୫ ଜଣ ଛାତ୍ର ବିଜ୍ଞାନ ଶିକ୍ଷକ ବିଜୟ ସାର୍‌ଙ୍କ ସହ ଚିଲିକା ବୁଲିବା ପାଇଁ ଗଲେ। ଚିଲିକା କୂଳରେ ଯେଉଁଠି ଭ୍ରମଣକାରୀମାନେ ଯାଇ ବିଭିନ୍ନ ପକ୍ଷୀ ଦେଖିବାର ମଜା ଉଠାଇଥାଆନ୍ତି। ବିଜୟ ସାର୍‌ଙ୍କ ସଙ୍ଗେ ପିଲାମାନେ ମଧ୍ୟ ସେହି ସ୍ଥାନକୁ ଗଲେ। ସେହି ସ୍ଥାନର ନାମ ମଙ୍ଗଳାଯୋଡ଼ି। ପିଲାମାନେ ଚିଲିକା କୂଳରେ ଥିବା ପାଣିରେ ଭଳିକି ଭଳି ପକ୍ଷୀଙ୍କୁ ଦେଖି ଖୁସିରେ ତାଳି ମାରୁଥାଆନ୍ତି। ସେମାନଙ୍କ ମଧ୍ୟରୁ ଯତୀନ୍ଦ୍ର ନାମକ ଜଣେ ପିଲା ପାଟିକରି କହିଲା– ଏଇ ଦେଖ, କେଡ଼େ ସୁନ୍ଦର ବଗଟିଏ ସେଇଠି ଛିଡ଼ାହୋଇଛି। ଶିକ୍ଷକ ସେହି ପକ୍ଷୀ ଆଡ଼କୁ ଚାହିଁ କହିଲେ– ସେ ବଗ ନୁହେଁ, ତା' ନାଁ ଗେଣ୍ଡାଳିଆ। ତା'ର ବୈଜ୍ଞାନିକ ନାମ ଆନାଷ୍ଟୋମାସ୍ ଓସିଟାନସ୍ ଓ ଇଂଲିଶ୍ ନାମ ଏସିଆନ୍ ଓପେନବିଲ ଷ୍ଟର୍କ। ସରୋଜ ପଚାରିଲା– ସାର୍! ଆମକୁ ଏହି ପକ୍ଷୀ ବିଷୟରେ କିଛି କୁହନ୍ତୁ। ଭାରି ସୁନ୍ଦର ଦେଖାଯାଉଛି।



ବିଜୟ ସାର୍ କହିଲେ– ଚାଲ ସେଇଠି ଗୋଟିଏ ଗଛ ଛାଇରେ ବସି ଆଲୋଚନା କରିବା। ସମସ୍ତେ ଯାଇ ଗଛ ଛାଇରେ ବସିଲେ। ସାର୍ କହିଲେ– ଏହି ଗେଣ୍ଡାଳିଆ ପକ୍ଷୀ ଭାରତ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ଥାଇଲାଣ୍ଡ, କାମ୍ବୋଡିଆ ଆଦି ଦେଶରେ ଦେଖାଯାନ୍ତି। ଏମାନେ ଜଳପୂର୍ଣ୍ଣ ଚାଷଜମି, ଅଗଭୀର ନଦୀ ମୁହାଣ, ଲବଣାକ୍ତ ଜଳ ଥିବା ହ୍ରଦରେ ବାସ କରନ୍ତି। ଏହା ପାଣିରେ ଚାଲିବା ପକ୍ଷୀ ହୋଇଥିବାରୁ ଆର୍ଦ୍ର ଚରାଭୂମି ପାଇଁ ବେଶି ବର୍ଷା ଆବଶ୍ୟକ ହୋଇଥାଏ। ଏହି ପକ୍ଷୀମାନଙ୍କର ଡେଣା ଓସାରିଆ। ବଗମାନଙ୍କ ଭଳି ଉଡ଼ିବା ସମୟରେ ବେକକୁ ସମ୍ପୂର୍ଣ୍ଣ ପ୍ରସାରଣ କରିଥାଆନ୍ତି। ଏମାନେ ଦିନବେଳା ଚଲାବୁଲା କରିଥାନ୍ତି। ପିଲାମାନେ, ବହୁ ବର୍ଷ ପୂର୍ବେ ମାଟିର ମଣିଷ ଚଳଚ୍ଚିତ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଗାଇଥିଲେ 'ଉଡ଼ିଗଲା ଗେଣ୍ଡାଳିଆ,ଝାଡ଼ିଦେଲା ପର... ଝାଡ଼ିଦେଲା ପର'।

ଶଙ୍କର ପଚାରିଲା, ସାର୍! ଏହାର ଶରୀର ଗଠନ ଓ ଖାଦ୍ୟ ସମ୍ପର୍କରେ କୁହନ୍ତୁ । ସାର୍ କହିଲେ, ଗେଣ୍ଡାଳିଆର ଲମ୍ବ ପ୍ରାୟ ୬୮ରୁ ୮୧ ସେ.ମି., ଉଚ୍ଚତା ୬୮ ସେ.ମି. ଓ ଏହାର ଓଜନ ପ୍ରାୟ ୧.୩ କେ.ଜି.ରୁ ୮.୯ କେ.ଜି. ମଧ୍ୟରେ ରହିଥାଏ। ଡେଣାର ଲମ୍ବ ୧୪୭ ରୁ ୧୪୯ ସେ.ମି. । ଏହାର ବର୍ଣ୍ଣ ଧଳା ଓ ଧୂସର । ପୁଚ୍ଛ ଉଜ୍ଜ୍ୱଳ ବାଇଗଣୀ ବର୍ଣ୍ଣ । ପୁଚ୍ଛରେ ୧୨ ଗୋଟି ପର ଥାଏ। ଛୋଟ ଅବସ୍ଥାରେ ଗୋଡ଼ ଦୁଇଟିର ବର୍ଣ୍ଣ ଧୂସର ଥାଏ ଓ ବଡ଼ ହୋଇଗଲେ ତାହା ନାଲି ରଙ୍ଗ ହୋଇଯାଏ। ଗେଣ୍ଡାଳିଆର ଗୋଟିଏ ବିଶେଷତ୍ୱ ହେଲା ତା'ର ଦେହର ବର୍ଣ୍ଣ ପିଲାରୁ ଯୁବକ ଏବଂ ଯୁବକରୁ ବୁଢ଼ା ଅବସ୍ଥାକୁ ଆସିଲା ବେଳେ କ୍ରମାନ୍ୱୟରେ ବଦଳୁଥାଏ। ଏହାର ଥଣ୍ଟର ଦୁଇ ଫାଳ ମଧ୍ୟରେ ଫାଙ୍କ ଥାଏ। କାରଣ ଉପର ଫାଳଟି ତଳ ଫାଳ ଅପେକ୍ଷା ବଡ଼ ଥାଏ। ଏହି ଫାଙ୍କ ଯୋଗୁ ତା'ର ନାମ ଓପନବିଲ୍ ଷ୍ଟର୍କ। ଅଣ୍ଡିରା ଓ ମାଈ ପକ୍ଷୀ ଦେଖିବାକୁ ପ୍ରାୟ ଏକା ଭଳି। ଏହା ଏକ ମାଂସାହାରୀ ପକ୍ଷୀ। ଗେଣ୍ଡା, କଙ୍କଡ଼ା, ପୋକ, ପତଙ୍ଗ, ବେଙ୍ଗ, ମାଛ, ଝିଟିପିଟି, ଛୋଟ ସାପ ଆଦିକୁ ଖାଇଥାଏ। ଏମାନେ ଅଗଭୀର, କାଦୁଅ ଭୂମିରେ ଧୀରେ ଧୀରେ ଗୋଡ଼ ପକାଇ ଚାଲି ଚାଲି ଖାଦ୍ୟ ଖୋଜି ଖାଇଥା'ନ୍ତି। ଏମାନେ ଦଳ ଦଳ ହୋଇ ମଧ୍ୟ ରହିଥା'ନ୍ତି। ଏମାନଙ୍କର ପ୍ରିୟ ଖାଦ୍ୟ ହେଉଛି ଗେଣ୍ଡା। ଏମାନେ ସେମାନଙ୍କର ଗୋଳିଆ ଥଣ୍ଟ ଦ୍ୱାରା ଗେଣ୍ଡାର ଖୋଳପାକୁ ଭାଙ୍ଗି ଅଲଗାକରି ତା'ର ମାଂସ ଖାଇଥା'ନ୍ତି। ଏହାର ଥଣ୍ଟର ଦୁଇପାର୍ଶ୍ୱ ଗୁଆକାତି ଭଳି କାମ କରିଥାଏ। ଖାଦ୍ୟ ଅନ୍ୱେଷଣ ସମୟରେ ମୁଣ୍ଡ ଓ ବେକ ପାଣିରେ ବୁଡ଼ି ରହିଥାଏ ।

ମାନସ ପଚାରିଲା– ସାର୍! ଏମାନେ ବସା କିପରି ତିଆରି କରନ୍ତି ଓ କେତୋଟି ଅଣ୍ଡା ଦିଅନ୍ତି? ସାର୍ କହିଲେ– ଏମାନେ ବଡ଼ ବଡ଼ ଗଛର ଶୀର୍ଷ ଭାଗରେ କାଠି, କୁଟା ସାହାଯ୍ୟରେ ସୁନ୍ଦର ବସା ତିଆରି କରନ୍ତି। ମାଈପକ୍ଷୀ ଥରକେ ୨ ରୁ ୫ଟି ଅଣ୍ଡା ବସା ଭିତରେ ଦେଇଥାଏ। ଉଭୟେ ଅଣ୍ଡିରା ଓ ମାଈପକ୍ଷୀ ଅଣ୍ଡାକୁ ଉଷୁମାଇ ଥାଆନ୍ତି। ୨୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରେ। ଗେଣ୍ଡାଳିଆ ଛୁଆର ବର୍ଣ୍ଣ ଦୁଧିଆ ହୋଇ କୋମଳ ପରରେ ଆବୃତ ହୋଇଥାଏ। ପ୍ରାୟ ୩୫ ଦିନ ପର୍ଯ୍ୟନ୍ତ ମା' ଓ ବାପା ପକ୍ଷୀ ଖାଦ୍ୟ ଆଣି ଛୁଆକୁ ବସାରେ ଖୁଆଇ ଥା'ନ୍ତି। ଏତିକି ଦିନ ମଧ୍ୟରେ ସେମାନଙ୍କର ପର ଟାଣ ହୋଇଯାଇଥାଏ। ୬୦ ଦିନ ପରେ ସେମାନେ ବସା ଛାଡ଼ି ଉଡ଼ିଯାଇ ନିଜେ ନିଜେ ବଞ୍ଚିବା ଶିଖନ୍ତି। ସାର୍ କହିଲେ– ଶୁଣ ପିଲାଏ! ଏହି ଗେଣ୍ଡାଳିଆ ପକ୍ଷୀ ଅନ୍ୟ ପ୍ରାଣୀଙ୍କ ପାଇଁ ଉପକାରୀ । ଏମାନଙ୍କ ମଳରେ ଯବକ୍ଷାରଜାନ ଓ ଫସ୍‌ଫରସ ଥିବାରୁ ଆର୍ଦ୍ର ଭୂମିରେ ଘାସଜାତୀୟ ଗଛଗୁଡ଼ିକ ଭଲ ଭାବରେ ବଢ଼ିଥାଏ। ଏହି ଉଦ୍ଭିଦକୁ ଖାଇ ମାଛ, କଙ୍କଡ଼ାମାନଙ୍କର ବଂଶ ବୃଦ୍ଧି ଭଲ ଭାବରେ ହୋଇଥାଏ। କିନ୍ତୁ ପରିତାପର ବିଷୟ, ଏହି ଆର୍ଦ୍ରଭୂମିରେ କୃଷକମାନଙ୍କ କୀଟନାଶକର ବ୍ୟବହାର ଯୋଗୁ ଗେଣ୍ଡାଳିଆଙ୍କର ମୃତ୍ୟୁହାର ବଢ଼ିଥାଏ। ଦ୍ୱିତୀୟରେ ପକ୍ଷୀ ଶିକାରୀମାନେ ଗେଣ୍ଡାଳିଆକୁ ଶିକାରକରି ତାକୁ ଉଚ୍ଚ ମୂଲ୍ୟରେ ବିକି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରିଥା'ନ୍ତି। ତେଣୁ ଆମ ସମସ୍ତଙ୍କର କର୍ତ୍ତବ୍ୟ,ଏହି ଗେଣ୍ଡାଳିଆ ପକ୍ଷୀକୁ ସଂରକ୍ଷଣ କରିବା, ଯାହା କି ଅତ୍ୟନ୍ତ ଜରୁରୀ । ତୃତୀୟରେ ଆର୍ଦ୍ରଭୂମିରେ ମାଛ ମାରିବା ଓ ଶିକାର କରିବା ନିଷିଦ୍ଧ ହେବା ଜରୁରୀ। ନଚେତ୍ ଏହାର ବଂଶ ଆସ୍ତେ ଆସ୍ତେ ଲୋପ ପାଇବ ଓ ଆମେ କେବଳ ନନ୍ଦନକାନନ ଯାଇ ସେଠାରେ ହିଁ ଗେଣ୍ଡାଳିଆକୁ ଦେଖିବା ସମ୍ଭବ ହେବ। ଶିକ୍ଷକ ସମୟ ଦେଖି କହିଲେ– ଚାଲ ପିଲାମାନେ, ସନ୍ଧ୍ୟା ୬ଟା ବାଜିଲା। ଆମକୁ ରେଳ ଷ୍ଟେଶନରେ ପହଞ୍ଚିଲା ବେଳକୁ ଡେରି ହେବ ।

– ବିନୋଦ ଚନ୍ଦ୍ର ଜେନା, ଭିକ୍ଟୋରି କଲୋନି, ପାରଳାଖେମୁଣ୍ଡି, ଗଜପତି, ମୋ: ୭୭୩୫୨୨୨୭୧୩

# ପାଞ୍ଚଟି ରଙ୍ଗର ଫ୍ଲାଗ୍



ଆମ ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ଲେହ୍, ଲଦାଖ ଏବଂ ସିକିମ୍ ଅନ୍ୟତମ। ଏଠାକୁ ବୁଲିବାକୁ ଗଲେ ରାସ୍ତା କଡରେ ବିଭିନ୍ନ ରଙ୍ଗର ପତାକା ଦେଖିବାକୁ ମିଳିଥାଏ। ତୁମେମାନେ ଜାଣିଛ କି ଏହି ରଙ୍ଗିନ ପତାକାର ଅର୍ଥ କ'ଣ ? କିଛିକିଛି ଲୋକେ ଏହି ପତାକା ନିଜ ଗାଡ଼ିରେ ମଧ୍ୟ ଲଗାଇ ଥାଆନ୍ତି। ଏହି ପତାକାକୁ 'ତିବ୍ବତୀୟଙ୍କ ପ୍ରାର୍ଥନା ପତାକା' ବୋଲି କୁହାଯାଏ। ଯଦି ତୁମେ ଏହି ପତାକାକୁ ଭଲ ଭାବରେ ଦେଖିବ, ତେବେ ଜାଣିପାରିବ ଯେ ଏଥିରେ ପାଞ୍ଚଟି ରଙ୍ଗ ରହିଛି। ଏହି ପତାକାଟି ବୌଦ୍ଧ ପରମ୍ପରା, ଧାର୍ମିକ ଆସ୍ଥା ଏବଂ ସମ୍ମାନର ପ୍ରତୀକ ହୋଇଥାଏ। ଏହି ପତାକାରେ କିଛି ଶବ୍ଦ ଲେଖାଯାଇଥାଏ। ଉକ୍ତ ପତାକାର ପାଞ୍ଚଟି ତତ୍ତ୍ୱ ରହିଛି। ଏଥିରେ ପ୍ରଥମ ରଙ୍ଗ ନୀଳ, ଯାହାକି ଆକାଶ ତତ୍ତ୍ୱ ଏବଂ ପୂର୍ବ ଦିଗର ପ୍ରତୀକ। ଧଳାରଙ୍ଗ ପଶ୍ଚିମ ଦିଗ, ଲାଲରଙ୍ଗ ଅଗ୍ନିକୁ ଦର୍ଶାଇଥାଏ। ଏହି ପତାକାରେ ଲେଖାଯାଇଥାଏ ଓମ୍ ମଣି ପଦ୍ମେ ହମ୍। ଓମ୍‌ର ଅର୍ଥ ପବିତ୍ର, ମଣିର ଅର୍ଥ ରତ୍ନ, ପଦ୍ମର ଅର୍ଥ ପଦ୍ମଫୁଲ ଏବଂ ହମ୍‌ର ଅର୍ଥ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ଆତ୍ମା। ମାନ୍ୟତା ଅଛି କି ଯେତେବେଳେ ପବନ ଏହି ପତାକା ଛୁଇଁକିଯାଏ ମନ୍ତ୍ର ଏବଂ ଆଶୀର୍ବାଦ ପବନ ଦ୍ୱାରା ପରିବେଶକୁ ପବିତ୍ର କରିଥାଏ। ବୌଦ୍ଧଧର୍ମାବଲମ୍ବୀ ଏହାକୁ ବହୁତ ପବିତ୍ର ବୋଲି ମାନିଥାନ୍ତି। ଏଠାକାର କେତେକ ବାସିନ୍ଦା ନିଜର ମାନସିକ ପୂରଣ ପାଇଁ ଏହି ପତାକା ଲଗାଇଥାଆନ୍ତି।

# ଫାଇଟର ଜେଟ୍



ଆମ ଦେଶରେ ଅନେକ ପ୍ରକାର ଫାଇଟର ଜେଟ୍ ଉପଲବ୍ଧ। ଏହି ଫାଇଟର ଜେଟ୍ ଯେକୌଣସି ଦେଶ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଶତ୍ରୁର କ୍ଷେତ୍ରକୁ ନିୟନ୍ତ୍ରଣ କରିବା ସହ ଶତ୍ରୁର ଆଡ୍ଡାସ୍ଥଳକୁ ମଧ୍ୟ ଧ୍ୱଂସ କରିବାରେ ମୁଖ୍ୟ ଭୂମିକା ଗ୍ରହଣକରେ। ଏମିତିରେ ଏବେ ଚାଲନ୍ତୁ ଜାଣିବା ଫାଇଟର ଜେଟ୍‌ରେ କେତେ ଲିଟର ଇନ୍ଧନ ଆବଶ୍ୟକ ହୋଇଥାଏ। ଫାଇଟର ଜେଟ୍ ତାଙ୍କର କ୍ଷମତା ଜେଟ୍ ମଡେଲ ଅନୁଯାୟୀ ଅଲଗା ଅଲଗା ହୋଇଥାଏ। ଉଦାହରଣ ପାଇଁ ଏକ ଏଫ୍–୧୬ ଫାଇଟିଂ ଫାଲ୍‌କନ୍‌କୁ ନେଇ ପାରିବା। ଏକ ମିଶନ ଅନୁଯାୟୀ ପ୍ରତି ଘଣ୍ଟାରେ ଏହି ଫାଇଟର ଜେଟ୍‌ରେ ପାଖାପାଖି ୩,୦୨୮ ଲିଟର ଇନ୍ଧନ ଖର୍ଚ୍ଚ ହୋଇଥାଏ।



# ଆଇନା



ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି

୭ ବର୍ଷ/ଭୁବନେଶ୍ୱର



ଅଦ୍ୱିତା ଆଚାର୍ଯ୍ୟ

୭ ବର୍ଷ/ଭୁବନେଶ୍ୱର